# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ

(ସଂସ୍କୃତି ବିଭାଗ)

ପତ୍ର ସଂଖ୍ୟା:- ୫୪୫ ତାରିଖ:- 17/08/2023

## (ବିଜ୍ଞାପନ)

ଚଳିତ ବର୍ଷ ଐତିହାସିକ ବାଲିଯାତ୍ରା କଟକ ଉତ୍ସବ-୨୦୨୩ ନଭେମ୍ବର ୨୭ ରୁ ଡିସେମ୍ବର ୦୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଅଛି । ଆମର କଳା, ସଂସ୍କୃତି ଓ ଗୌରବର ଗାଥା ରୂପେ ବାଲିଯାତ୍ରା ଖାଲି ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ତଥ୍ ସହ ବିଦେଶରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଅଛି । ତେଣୁ ଏହି ଉପଲକ୍ଷେ ପୂର୍ବବର୍ଷମାନଙ୍କ ଭଳି ଏବର୍ଷ ମଧ୍ୟ ଏକ ସୁନ୍ଦର ସ୍ମରଣିକା ପ୍ରକାଶନ ନିମନ୍ତେ ପ୍ରସ୍ତାବିତ ହୋଇଅଛି । ସେଥିରେ ଉତ୍କଳୀୟ କଳା ସଂସ୍କୃତି, ନୌବାଣିଜ୍ୟ ପରମ୍ପରା, ବାଲିଯାତ୍ରାର ଐତିହାସିକ ପଟ୍ଟଭୂମି ଓ ଅଭିବକ୍ତ କଟକର ଗୌରବ ଗାଥା ସମ୍ବଳିତ ଗବେଷଣାତ୍ମକ ସନ୍ଦର୍ଭ ସ୍ଥାନ ପାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।

ଏଥିନିମନ୍ତେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ୨ ରୁ ୩ ଛପାପୃଷ୍ଠା ମଧ୍ୟରେ ସୀମିତ ଆଲେଖ୍ୟ ଅକ୍ଟୋବର ୨୫ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ଇମେଲ ଆଇଡ଼ି (dco.ctc@gov.in)ରେ ଦେବାପାଇଁ ଅନୁରୋଧ କରୁଅଛୁ । ସନ୍ଦର୍ଭଗୁଡିକର ମନୋନୟନ ପ୍ରକ୍ରିୟା ସଂପାଦନା ମଣ୍ଡଳୀର ସଂପୂର୍ଣ୍ଣ ଇଚ୍ଛାଧୀନ । ଅମନୋନୀତ ଲେଖାଗୁଡିକ ଫେରସ୍ତ ଦେବାପାଇଁ ପରିଷଦ ବାଧ୍ୟ ନୁହନ୍ତି ।

ଜିଲ୍ଲା ସଂସ୍କୃତି ଅଧିକାରୀ-ତଥା-ସମ୍ପାଦକ
ଜିଲ୍ଲା ସଂସ୍କୃତି ପରିଷଦ, କଟକ